## ମୋଟରସାଇକେଲ ଜବତ, ୨ ଗିରଫ

କୁଚିଣ୍ଡା,(ଡି.ଏନ.ଏ.): କୁଚିଣ୍ଡା ଥାନା ନିକଟ ଟାଙ୍ଗରପାଲି ଗ୍ରାମ... କୁଚିଣ୍ଡା ଥାନା ନିକଟ ଟାଙ୍ଗରର ବାସିନ୍ଦା ଉପେନ୍ଦ୍ର ଭଇଁଷାଙ୍କ ଏକ ମୋଟରସାଇକେଲ (ଓଡି୧୫କ୍ୟୁ-୪୬୦୨) ଗତ ୭ ତାରିଖ ରାତ୍ରିରେ ଚୋରି ହୋଇଥିଲା। ଅଭିଯୋଗ ପରେ କୁଚିଣ୍ଡା ପୋଲିସ ୧୪୪/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଇଆଇସି ଶୁଭଙ୍କର ସେଠ ଓ କର୍ମଚାରୀ କୁଚିଣ୍ଡା ସହରରେ ପୂର୍ବରୁ ବିଭିନ୍ନ ଚୋରି ମାମଲାରେ ଜଡିତ ମଣ୍ଟୁ ଗୟାନ (୨୫) ଓ ସହଯୋଗୀ ପ୍ରିତମ ପଲେଇଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରି ମୋଟର ସାଇକେଲ ଜବତ କରିଥିଲେ। ବୁଧବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### କୁଟୁରା ଛୁଆ ଉଦ୍ଧାର



ନାକଟିଦେଉଳ,୯।୬(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ କିସିଣ୍ଡା ଖଳାଶୁଣୀ ଅଭୟାରଣ୍ୟର କେଲୋ ଗ୍ରାମରୁ ବନ ବିଭାଗ ବୁଧବାର ଏକ କୁଟୁରା ଛୁଆ ଉଦ୍ଧାର କରିଛି। ଉଦ୍ଧାର ମାଈ କୁଟୁରାର ବୟସ ୩ବର୍ଷ ହେବ। ସୂଚନା ଅନୁସାରେ ତାଳପାଲ ଗ୍ରାମ ଜଙ୍ଗଲରୁ କୁଟୁରା ଛୁଆ ବାଟବଣା ହୋଇ କେଲୋ ଗ୍ରାମର ଦିବାକର ବିଶ୍ୱାଳଙ୍କ ଘର ବାରିକୁ ଚାଲି ଆସିଥିଲା। ପରିବାର ଲୋକେ ତାକୁ ଗୁହାଳ ଭିତରେ ରଖି କିସିଣ୍ଡା ବନ୍ୟପ୍ରାଣୀ ଅଭୟାରଣ୍ୟ ବିଭାଗକୁ ସୂଚନା ଦେଇଥିଲେ। ଅଭୟାରଣ୍ୟ ଫରେଷ୍ଟର ଅନୁରାଧା ଖର୍ସେଲ, ଫରେଷ୍ଟଗାର୍ଡ଼ ଲିଲି ବିଶି, ପଦ୍ମଲୋଚନ ବଡ଼ଗୋଛିଆ ପ୍ରମୁଖ ପହଞ୍ଚି କୁଟୁରା ଛୁଆକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ଏହାକୁ ନିକଟସ୍ଥ ଖଳାଶୁଣୀ ଅଭୟାରଣ୍ୟରେ ଛାଡ଼ିଦିଆଯାଇଛି।

### କାଦୋବାହାଲରେ ହାତୀ ଉପଦ୍ରବ

ନାକଟିଦେଉଳ,୯।୬(ଡ଼ି.ଏନ.ଏ.): ନାକଟିଦେଉଳ ବନାଞ୍ଚଳ ଘୋହରାମାଳ ଫରେଷ୍ଟ ସେକ୍ସନର କାଦୋବାହାଲ ଗ୍ରାମରେ ଦୁଇ ଦିନ ହେଲା ଏକ ଜଙ୍ଗଲୀ ହାତୀ ଉପଦ୍ରବ ଚଳାଇଛି। ସନ୍ଧ୍ୟା ହେବା ମାତ୍ରେ ନିକଟସ୍ଥ ଜଙ୍ଗଲରୁ ହାତୀଟି ଗାଁ ଭିତରକୁ ଆସି ତାର ଉପଦ୍ରବ କରୁଛି। ଗତ ୬ତାରିଖରେ ହାତୀଟି ଗ୍ରାମର ଚନ୍ଦ୍ରମଣି ବିଶ୍ୱାଳଙ୍କ ବଗିଚାରେ ପଶି କଦଳୀ, ଆମ୍ବ ଆଦି ଗଛ ନଷ୍ଟ କରିଥିଲା। ୮ତାରିଖ ରାତିରେ ପୁଣି ଥରେ ହାତୀ ଗ୍ରାମରେ ପଶି ବାସୁଦେବ ସ୍ୱାଇଁଙ୍କ ୧୦ଟି ଫଳନ୍ତି ଆମ୍ବ ଗଛ ସହ ଗୋଟିଏ ବଖରା ଘର ଭାଙ୍ଗି ନଷ୍ଟ କରିଦେଇଛି। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ନୀତିକାନ୍ତିରେ ଶୀତଳଷଷ୍ଠୀ ଯାତ୍ରା

ସମ୍ବଲପୁର,୯।୬ (ବ୍ୟୁରୋ)

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଚଳିତବର୍ଷ କେବଳ ନୀତିକାନ୍ତିରେ ସମ୍ପନ୍ନ ହେବ। କରୋନା ଯୋଗୁ କେବଳ ପରମ୍ପରାକୁ ବଞ୍ଚାଇ ବିଭିନ୍ନ ଯାତ୍ରା କମିଟି ଓ ପାର୍ବତୀଙ୍କ ମାତାପିତା ବିବାହ ଲାଗି ପ୍ରସ୍ତୁତିରେ ଲାଗିଛନ୍ତି। ଏହି କ୍ରମରେ ଜ୍ୟେଷ୍ଠ ଶୁକ୍ଳପକ୍ଷ ପ୍ରତିପଦା ତଥା ଚଳିତ ମାସ ୧୧ ତାରିଖରେ ନନ୍ଦପଡା ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ି (ନିର୍ବନ୍ଧ) ଲଗ୍ନ ସ୍ଥିର ହୋଇଛି। ୧୨ରେ ନୃସିଂହ ନିଉତା, ୧୪ରେ ସାକ୍ଷୀଗୋପୀନାଥ ଠାକୁରଙ୍କ ନନ୍ଦପଡା ଆଗମନ କାର୍ଯ୍ୟକ୍ରମ ରହିଛି। ସେହିପରି ଝାଡୁଆପଡା ଲୋକନାଥ ବାବା, ମୁଦିପଡା ଜାଗେଶ୍ୱର ବାବା, ବଡବଜାର ଶୀତଳେଶ୍ୱର ବାବା,

**୧୧ରେ ବାଲୁଙ୍କେଶ୍ୱରଙ୍କ ପତରପେଡ଼ି**

ଠାକୁରପଡା ଗୁପ୍ତେଶ୍ୱର ବାବା, ବୁଢ଼ାରଜା ମହାଦେବ, ବାଲିବନ୍ଧା ସୋମନାଥ ବାବାଙ୍କ ପତରପେଡ଼ି ୧୩ ତାରିଖରେ ହେବ। ୧୪ରେ ଗୁଆଗୁଣ୍ଡା ଓ ହନୁମାନ ନିଉତା ନୀତି ରହିଛି। ଏତଦ୍‌ବ୍ୟତୀତ ୧୫ ତାରିଖ ପୂର୍ବାହ୍ନରେ ବିଭିନ୍ନ ଯାତ୍ରା କମିଟି ପକ୍ଷରୁ ଗତବର୍ଷ ପାର୍ବତୀଙ୍କ ମାତାପିତାଙ୍କ ବାସଭବନରେ ଗଣ୍ଡଲାଫିଟା, ପାର୍ବତୀଙ୍କ ପିତ୍ରାଳୟ ଗମନ, ହଳଦୀ ଓ ତୈଳାଭିଷେକ, ସନ୍ଧ୍ୟାରେ ବରଯାତ୍ରୀ ଓ ବିବାହ ପାଣିଗ୍ରହଣ ହେବାକୁ ସ୍ଥିର ହୋଇଛି। ୧୬ରେ ସ୍ୱମନ୍ଦିର ପରିସରରେ ଯୁଗଳମୂର୍ତ୍ତି ଦର୍ଶନ, ୧୭ ଅପରାହ୍ନରେ ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ ନୀତି ରହିଛି।

## ଫଟୋରେ ଖବର



ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୦ତମ ଜୟନ୍ତୀ ଅବସରରେ ବୁଧବାର ସମ୍ବଲପୁର ଧରିତ୍ରୀ ସିଟିଅଫିସଠାରେ କର୍ମଚାରୀମାନେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

## ଯୁବକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ସମ୍ବଲପୁର,୯।୬ (ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ଗୁରୁପାଲି-କୁଲେସରା ରାସ୍ତାପାର୍ଶ୍ୱରୁ ପୋଲିସ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଗୁରୁପାଲି ଗ୍ରାମର ବିକାଶ ମାଝି (୨୮)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ବିକାଶଙ୍କ ବାପା ପଞ୍ଚାନନ ମାଝି ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଶାସନ ଥାନା ଅଧିକାରୀ ଲୋକନାଥ ସାହୁ କହିଛନ୍ତି, ଏ ନେଇ ହତ୍ୟା ମାମଲା ରୁଜୁକରି ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ।

# ଭିମ୍‌ସାରରେ ମେଡିକାଲ ଅକ୍ସିଜେନ୍ ସଂରକ୍ଷଣର ଭିତ୍ତିପ୍ରସ୍ତର ସ୍ଥାପନ

ସମ୍ବଲପୁର,୯।୬ (ବ୍ୟୁରୋ)

ବୁର୍ଲା ଭିମସାର ପରିସରରେ ବୁଧବାର ତରଳ ମେଡିକାଲ ଅକ୍ସିଜେନ ସଂରକ୍ଷଣ ଓ ବଣ୍ଟନ, ଚାପ ଅବଶୋଷଣ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସି ଜରିଆରେ ଭିତ୍ତିପ୍ରସ୍ତର ସ୍ଥାପନ ସହ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ସରକାରୀ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ, ଜିଲାପାଳ ଶୁଭମ୍ ସକସେନା, ଏସ୍‌ପି ବାତୁଲା ଗଙ୍ଗାଧର, ଭିମ୍‌ସାର



ଶିଳାନ୍ୟାସ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଅଧୀକ୍ଷକ ପ୍ରଫେସର ଲାଲମୋହନ ନାୟକ, ଡିନ୍ ପ୍ରଫେସର ଜୟଶ୍ରୀ ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଚୋରା ଡିଜେଲ୍, ମୋବିଲ୍ ଜବତ: ବାପପୁଅ ଗିରଫ

ଝାରସୁଗୁଡ଼ା ଅଫିସ,୯।୬

ଲଖନପୁର ଥାନା କୁଡାଲୋଇ ଗ୍ରାମ ନିକଟ ୪୯ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଘର ଉପରେ ପୋଲିସ ଚଢାଉକରି ବିପୁଳ ପରିମାଣର ଚୋରା ଡିଜେଲ୍ ଓ ମୋବିଲ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ବାପପୁଅଙ୍କୁ ପୋଲିସ୍ ଗିରଫ କରିଛି। ସେମାନେ ହେଲେ ଶଙ୍କର ଅଗ୍ରୱାଲ(୭୦) ଓ ପୁଅ ଆୟୁଷ ଅଗ୍ରୱାଲ(୨୭)। ଏମାନଙ୍କ ନିକଟରୁ ୨୨ବ୍ୟାରେଲ୍ ଡିଜେଲ୍ ଓ ୪ ବ୍ୟାରେଲ୍ ମୋବିଲ୍ ବୋଝେଇ ୪୦୭ଗାଡିକୁ ପୋଲିସ ଜବତ କରିଛି । ଏ ନେଇ ଥାନା କେସ୍ (ନଂ୧୦୧/୨୧)ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଏମ୍‌ସିଏଲ୍ କୋଇଲା ଖଣି ଅଞ୍ଚଳରୁ ଏହି ଡିଜେଲ୍ ଓ ମୋବିଲ୍ ଚୋରିକରି ବେପାର ଚଳାଇ ଆସୁଥିଲେ। ଏସ୍‌ପି ବିକାଶ ଚନ୍ଦ୍ର ଦାସ ଖବରପାଇ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚଢାଉରେ ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଲଖନପୁର ଆଇଆଇସି ଦୁଃଖିନ୍ଦ୍ର ସାହୁ, ବେଲପାହାଡ ଆଇଆଇସି ରଞ୍ଜନ ବିଶ୍ୱାଳ ଓ ବ୍ରଜରାଜନଗର ଆଇଆଇସି ବିବି ସେଠ୍ ପ୍ରମୁଖ ସାମିଲ ହୋଇଥିଲେ।

# ବାପାଙ୍କ ସ୍ମୃତିରେ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର ଦାନ କଲେ ପୁଅ

ବ୍ରଜରାଜନଗର, ୯।୬(ଡି.ଏନ.ଏ.)

ବ୍ରଜରାଜନଗର ରେମଜା ପାୱାର ହାଉସ ପଡାର ସ୍ୱର୍ଗତ ବାସୁଦେବ ପଣ୍ଡାଙ୍କ ପୁଅ ପ୍ରତ୍ୟୁଷ ପଣ୍ଡା ବାପାଙ୍କ ନାମରେ ଏକ ଫାଉଣ୍ଡେଶନ ଟ୍ରଷ୍ଟ କରି ଗରିବ ଲୋକଙ୍କୁ ସେବା ଦେବା ପାଇଁ ଆଗେଇ ଆସିଛନ୍ତି। ବାସୁ ଫାଉଣ୍ଡେଶନ ଟ୍ରଷ୍ଟ ନାମରେ ସେ ବ୍ରଜରାଜନଗର, ଲଖନପୁର ଓ ରାଜପୁର ଲୋକମାନଙ୍କ ପାଇଁ ଜୀବନ ରକ୍ଷାକାରୀ ୮ଟି ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର ମେଶିନ ଦାନ କରିଛନ୍ତି। ଏହି ମେଶିନ ଝାରସୁଗୁଡ଼ା ସିଡିଏମ୍‌ଓ ଲାଲମୋହନ ରାଉତରାୟଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏସବୁର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କା ହେବ। ଏଥିରୁ ୨ ଗୋଟି ଲଖନପୁର, ଗୋଟିଏ ରାଜପୁର, ୨ ଗୋଟି ବ୍ରଜରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବ। ଆଉ ୩ ଗୋଟି ମେଶିନ ଜିଲା ଡ୍ରଗ୍ ଆସୋସିଏଶନ ସଭାପତି ଜୟନ୍ତ ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ଗୋପବନ୍ଧୁ ଛକରେ ରହିବ। ସ୍ଥାନୀୟ ଜନସାଧାରଣ ବିନା ମୂଲ୍ୟରେ ଏହି ଅକ୍ସିଜେନ୍ ସେବା ପାଇପାରିବେ। ଏଭଳି ମହତ କାର୍ଯ୍ୟକୁ ସିଡିଏମ୍‌ଓ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦାଧିକାରୀଙ୍କ ସହିତ ଗଣମାଧ୍ୟମର ପ୍ରତିନିଧିଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ପ୍ରତାପ କେଶରୀ ସିଂ, ଉପଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ପଣ୍ଡା ତାଙ୍କର କର୍ମମୟ ଜୀବନର ଅଧିକାଂଶ ସମୟ ସାମ୍ବାଦିକତାରେ କାଟିଥିଲେ।



ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର ଲୋକାର୍ପିତ କରାଯାଉଛି।

# ଝାରସୁଗୁଡ଼ା କୋଭିଡ୍ ହସ୍ପିଟାଲରେ ୨୦ଆଇସିୟୁ ଯୁକ୍ତ ଶଯ୍ୟା ଲୋକାର୍ପିତ

ଝାରସୁଗୁଡ଼ା ଅଫିସ,୯।୬

ଝାରସୁଗୁଡ଼ା କୋଭିଡ୍ ହସ୍ପିଟାଲରେ ୨୦ ଆଇସିୟୁ ଯୁକ୍ତ ଶଯ୍ୟା ସହିତ ୪୦ଅକ୍ସିଜେନ୍ ପାଇପ୍‌ଲାଇନ୍ ଯୁକ୍ତ ଶଯ୍ୟାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ବୁଧବାର ଭର୍ଚୁଆଲ୍ ମିଟିଂ ଜରିଆରେ ଲୋକାର୍ପିତ କରିଛନ୍ତି। ଏହା ସହିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ଏକ ଆଇସିୟୁ ଯୁକ୍ତ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଜିଲା ଖଣିଜ ପାଣ୍ଠି ଅର୍ଥ ବିନିଯୋଗରେ ଏସବୁ କାର୍ଯ୍ୟ କରାଯାଇଛି। ଭର୍ଚୁଆଲ୍ ମିଟିଂରେ ମନ୍ତ୍ରୀ ଦାସ, ଏମ୍‌ପି ସୁରେଶ ପୂଜାରୀ, ବିଧାୟକ କିଶୋର ମହାନ୍ତି, ଜିଲାପାଳ ସରୋଜ ସାମଲ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଓ ଭିଏସ୍‌ଏସ୍ ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର ସେନାପତି ପ୍ରମୁଖ ସାମିଲ ହୋଇଥିଲେ।

## ଦେବଗଡ଼ ଜିଲାବାସୀଙ୍କ ପାଇଁ ଟୋଲ୍ ଟ୍ୟାକ୍ସ ଛାଡ ଲାଗି ବୈଠକ

ଦେବଗଡ,୯।୬(ଡି.ଏନ.ଏ): ଦେବଗଡ ଜିଲା ଦେଇ ଯାଇଥିବା ୪୯ନମ୍ବର ଜାତୀୟ ରାଜପଥର ପ୍ରଶସ୍ତିକରଣ ପରେ ଟୋଲ ଟ୍ୟାକ୍ସ ଆଦାୟ ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଗତ ୨୭ ତାରିଖ ବିଭିନ୍ନ ଖବର କାଗଜରେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ଯାନ ବାହାନରୁ ଟ୍ୟାକ୍ସ ଆଦାୟ କରାଯାଉଥିବା ବେଳେ ସ୍ଥାନୀୟ ଜନସାଧାରଣଙ୍କ ନିମନ୍ତେ ଟୋଲ ଟ୍ୟାକ୍ସ ଛାଡ଼ କରାଯିବାକୁ ଜିଲାର ବିଭିନ୍ନ ମହଲରେ ଦାବି କରାଯାଇଛି । ମଙ୍ଗଳବାର ଏ ସମ୍ବନ୍ଧୀୟ ଏକ ବୈଠକ ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ବିଜେଡି କୃଷକ ମୋର୍ଚ୍ଚା ଜିଲା ସଭାପତି ଇଂ. ଚିତ୍ତ ରଞ୍ଜନ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ପୂର୍ବତନ ଜିଲା ଭାଜପା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ସତ୍ୟ ନାରାୟଣ ପାଣି, ଧର୍ମେନ୍ଦ୍ର ଦେବତା, ଟ୍ରକ ମାଲିକ ସଂଘର ସଭାପତି କ୍ଷେତ୍ରବାସୀ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ଦେବଗଡ ଜିଲାବାସୀଙ୍କ ମାଲିକାନାରେ ଥିବା ଯାନବାହାନରୁ ଟୋଲଟ୍ୟାକ୍ସ ସମ୍ପୂର୍ଣ୍ଣ ଭାବେ ଛାଡ କରିବା ପାଇଁ ମତବ୍ୟକ୍ତ କରିବା ସହ ଦେବଗଡ ଏକ କୃଷିପ୍ରଧାନ ଜିଲା ହୋଇଥିବାରୁ ଜନସାଧାରଣଙ୍କ ଉପରେ ଏହି ଟୋଲ ଟ୍ୟାକ୍ସ ବୋଝ ଉପରେ ନଳିତା ବିଡା ସଦୃଶ ହେବ ବୋଲି ପ୍ରକାଶ କରିଥିଲେ। ଆଗାମୀ ୧୧ ତାରିଖ ସ୍ଥାନୀୟ ବସନ୍ତ ଡାକବଙ୍ଗଳା ଠାରେ ଏନେଇ ଅନ୍ୟ ଏକ ବୈଠକ ବସିବା ସହ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ ନିମନ୍ତେ ନିଷ୍ପତି ଗ୍ରହଣ କରାଯିବ। ଏକ କ୍ରିୟାନୁଷ୍ଠାନ କମିଟି ମଧ ଗଠନ କରାଯିବ ବୋଲି ଏହି ଅବସରରେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା। ଆଗାମୀ ୧୧ ତାରିଖ ବସିବାକୁ ଥିବା ବୈଠକରେ ଅଂଶଗ୍ରହଣ କରିବା ପାଇଁ ଜିଲା ଓକିଲ ସଂଘ, ନାଗରିକ କମିଟି, ଜିଲା ଘରୋଇ ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘ ଓ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ଜିଲାର ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶଗ୍ରହଣ କରିବା ପାଇଁ ମଧ ସମ୍ପୃକ୍ତ ଅନୁଷ୍ଠାନମାନଙ୍କୁ ଅନୁରୋଧ କରାଯାଇଛି।

# ୨ସପ୍ତାହ ହେଲା ଅନ୍ଧକାରରେ ୫ ପରିବାର



ନଇଁ ପଡିଥିବା ବିଦ୍ୟୁତ୍ ଖୁଣ୍ଟ।

ଦେବଗଡ,୯।୬(ଡି.ଏନ.ଏ)

ଗତ ମେ ୨୬ତାରିଖ ହୋଇଥିବା ସାମୁଦ୍ରିକ ବାତ୍ୟା 'ୟାସ'ରେ ବଳମ ବିଦ୍ୟୁତ୍ ଗ୍ରୀଡ୍ ସବଷ୍ଟେସନର ଅନତି ଦୂରରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ତଳକୁ ନଇଁ ପଡିଥିବାବେଳେ ଏହାକୁ ଅଦ୍ୟାବଧି ମରାମତି କରାଯାଇନାହିଁ। ଫଳରେ ଉକ୍ତ ବିଦ୍ୟୁତ୍ ଖୁଣ୍ଟ ଉପରେ ନିର୍ଭର କରୁଥିବା ପୁରୁଣା ଟାଇଲ ଫ୍ୟାକ୍ଟ୍ରି ପରିସରରେ ରହୁଥିବା ୫ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିବା ସହ ସମ୍ପୂର୍ଣ୍ଣ ଅନ୍ଧାରରେ କାଳାତିପାତ କରୁଛନ୍ତି। ଏଣେ ଗ୍ରୀଷ୍ମଋତୁ ଜନିତ ଅସହ୍ୟଗରମ ଯୋଗୁ ଉକ୍ତ ପରିବାର ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ଏହାର ମରାମତି ନିମନ୍ତେ ସେମାନେ ବିଦ୍ୟୁତ୍ ବିଭାଗୀୟ ଲାଇନମ୍ୟାନଙ୍କ ଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଗୁହାରୀ କରିଥିଲେ ମଧ୍ୟ କୌଣସି ସୁଫଳ

**ମରାମତି ହେଉନାହିଁ ବାତ୍ୟାରେ ନଇଁ ପଡିଥିବା ବିଦ୍ୟୁତ୍ ଖୁଣ୍ଟ**

ମିଳୁନାହିଁ । ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ବାତ୍ୟାରେ ତଳକୁ ନଇଁପଡିଥିବା ବିଦ୍ୟୁତ୍ ଖୁଣ୍ଟ ବଳମ ବିଦ୍ୟୁତ୍ ଗ୍ରୀଡ୍ ସବଷ୍ଟେସନ ପରିସରରୁ ମାତ୍ର ଏକଶହ ମିଟର ଦୂରତ୍ୱ ମଧ୍ୟରେ ରହିଥିଲେ ହେଁ ଏହାକୁ ମରାମତି କରାଯାଉ ନ ଥିବାରୁ ଗ୍ରୀଷ୍ମ ଋତୁରେ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ବିଭାଗ କିଭଳି ସେବା ପ୍ରଦାନ କରୁଛି ତାହା ସ୍ପଷ୍ଟ ଭାବେ ଅନୁମାନ କରାଯାଉଛି। ଏନେଇ ଦେବଗଡ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଅଭିଳାଶ ସ୍ୱାଇଁଙ୍କ ମତାମତ ଲୋଡିବାରୁ ଖୁଣ୍ଟଟି ନଇଁ ପଡିଥିବା ଏବଂ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବା ନେଇ ତାଙ୍କ ନିକଟରେ ସୂଚନା ରହିଛି ଓ ଆଗାମୀ ଦିନେ/ଦୁଇ ଦିନ ମଧ୍ୟରେ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ୧୮ ରୁ ୪୪ ବର୍ଷ ବ୍ୟକ୍ତିଙ୍କୁ କୋଭିଡ୍ ଟିକାକରଣ

ଦେବଗଡ଼,୯।୬(ଡି.ଏନ.ଏ)

ରାଜ୍ୟ ସରକାରଙ୍କ ନିଷ୍ପତିକ୍ରମେ ଗତ ୭ ରୁ ଦେବଗଡ ପୌରାଞ୍ଚଳରେ ୧୮ ରୁ ୪୪ ବର୍ଷ ବୟସ୍କଙ୍କୁ କୋଭିଡ୍ ଟିକାକରଣ ଆରମ୍ଭ କରାଯାଇଛି। ଏଥିପାଇଁ ପୌରାଞ୍ଚଳର ୨ଟି ସ୍ଥାନରେ କେନ୍ଦ୍ର ଖୋଲାଯାଇଛି। ଗୋଟିଏ ଟିକାକରଣ କେନ୍ଦ୍ର ରାଜା ବାସୁଦେବ ହାଇସ୍କୁଲ ଛାତ୍ରାବାସରେ ଖୋଲାଯାଇଥିବାବେଳେ ଆଉ ଗୋଟିଏ ପୁରୁଣାଗଡସ୍ଥିତ ଧରଣୀଧର ମଧ୍ୟ-ଇଂରାଜୀ ବିଦ୍ୟାଳୟରେ ଖୋଲାଯାଇଛି। ଗତ ୭ ଓ ୮ ତାରିଖ ଉଭୟ କେନ୍ଦ୍ରରେ ସମୁଦାୟ ୧୨୬୪ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ଗତ ଜାନୁୟାରୀ ୧୬ରୁ ଆରମ୍ଭ ହୋଇଥିବା କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମରେ ଏ ପର୍ଯ୍ୟନ୍ତ ଜିଲାରେ ମୋଟ ୪୯୦୮୨ ଜଣଙ୍କୁ ଟିକାକରଣ କରାଯାଇଛି। ଏହି ସମୟ ମଧ୍ୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ୨୧୦୯୦ଜଣ, ୪୫ ରୁ ୫୯ ବର୍ଷ ବୟସ ମଧ୍ୟରେ ଥିବା ୧୭୩୧୬ ଜଣ ଟିକା ନେଇଛନ୍ତି। ଏହା ବ୍ୟତୀତ ୯୪୧୨ ହେଲଥ କେୟାର ୱାର୍କର ଓ ଫ୍ରଣ୍ଟ ଲାଇନ ୱାର୍କର ମଧ ସାମିଲ ହୋଇଥିଲେ।

## ନିର୍ମାଣକାରୀ ସଂସ୍ଥାର କର୍ମଚାରୀ, ଶ୍ରମିକଙ୍କୁ ମାଡମାରି ଟଙ୍କା ଲୁଟ୍ ଅଭିଯୋଗ

ଦେବଗଡ,୯।୬(ଡି.ଏନ.ଏ)

ଦେବଗଡ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ତିଲେଇବଣି ବ୍ଲକ ଅନ୍ତର୍ଗତ କପାସିରାଠାରୁ-ପ୍ରଭାସୁଣୀ (ଭାୟା ଶରଣଖୋଲ) ପର୍ଯ୍ୟନ୍ତ ନିର୍ମାଣାଧିନ ପ୍ରଧାନମନ୍ତ୍ରୀ ଗ୍ରାମ ସଡକରେ କାର୍ଯ୍ୟରତ ଶ୍ରମିକ ଓ ନିର୍ମାଣକାରୀ ସଂସ୍ଥାର ସାଇଟ ଇନଚାର୍ଯ୍ୟଙ୍କୁ କେତେକ ଯୁବକ ମାଡ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି । ସାଇଟ ଇନଚାର୍ଯ ରାଜକିଶୋର ଦାଶଙ୍କ ସମେତ ୧୯ ଜଣ ପୁରୁଷ ଓ ମହିଳା ଶ୍ରମ କାର୍ଯ୍ୟରେ ନିୟୋଜିତ ଥିଲେ। ପ୍ରାୟ ୧ଟା ୩୦ରେ ସେମାନେ କାମସାରି ଗଛମୂଳେ ବିଶ୍ରାମ ନେଉଥିବା ବେଳେ ଶରଣଖୋଲ (ଜୁଆଳିଭଙ୍ଗା) ଗ୍ରାମର ୩ଜଣ ଯୁବକ ସେଠାରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଠିକ ହେଉ ନ ଥିବା ଦର୍ଶାଇ ପାଟିତୁଣ୍ଡ କରିଥିଲେ । ସାଇଟ ଇନଚାର୍ଜ ଦାଶ ଉକ୍ତ ଯୁବକଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲେ ମଧ ସେମାନେ ଏକଥା ନ ଶୁଣି ସେଠାରୁ ଚାଲିଯାଇଥିଲେ । ସେମାନେ ପୁଣି ଥରେ ଅନ୍ୟ ଜଣେ ଯୁବକ ସହ ଆସି ଶ୍ରମିକ ଓ ସାଇଟ ଇନଚାର୍ଯଙ୍କୁ ଧମକ ଚମକ ଦେବାସହ କାମ ବନ୍ଦ ନ କଲେ ଜୀବନରେ ମାରିଦେବାକୁ ଚେତାବନୀ ଦେଇଥିଲେ। ମାଡମାରି ୫ହଜାର ଟଙ୍କା ଲୁଟିନେଇଥିଲେ।

## କାର୍-ବାଇକ୍ ଧକ୍କା: ଜଣେ ଯୁବକ ମୃତ

ରାଜଗାଙ୍ଗପୁର, ୯।୬ (ଡି.ଏନ.ଏ)

ରାଜଗାଙ୍ଗପୁର ଥାନା ୧୦ ନଂ.ରାଜ୍ୟ ରାଜପଥ ଜାମପାଲିଠାରେ ବୁଧବାର ସନ୍ଧ୍ୟା ୭ଟାରେ କାର ଓ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୋଟର ସାଇକେଲ ଯୋଗେ ପ୍ରବୀନ ପାଣ୍ଡେ ଝାରବେଡାରୁ ରାଜଗାଙ୍ଗପୁର, ଭାଟାପଡା ଘରକୁ ଫେରୁଥିଲେ। ଜାମପାଲି ପୋଲ ନିକଟରେ ତାଙ୍କୁ ପଛପଟୁ ଏକ କାର ନଂ. ଓଡି ୧୪ ଆର ୧୯୧୪ ଆସି ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହେବା ସହ କାରରେ ଥିବା ଶଙ୍କର ସିଂ ଓ ଅନୁରାଗ ଡୁଙ୍ଗଡୁଙ୍ଗ ମଧ୍ୟ ଆହତ ହୋଇଥିଲେ । ୩ଜଣଙ୍କୁ ରାଜଗାଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଡାକ୍ତର ବାଇକ ଚାଳକଙ୍କୁ ମୃତ ଘୋଷଣା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ୩ ଗୋରୁ ମୃତ

ଦେବଗଡ,୯।୬(ଡି.ଏନ.ଏ)

ଦେବଗଡ ମଡେଲ ଡିଗ୍ରୀ କଲେଜ ସମ୍ମୁଖସ୍ଥ ୪୯ ନମ୍ବର ଜାତୀୟ ରାଜପଥରୁ ବୁଧବାର ୩ଟି ଗୋରୁଙ୍କର ମୃତଦେହ ଜବତ କରାଯାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ । ମଙ୍ଗଳବାର ବିଳମ୍ବିତ ରାତ୍ରିରେ କୌଣସି ଭାରିଯାନ ଧକ୍କାରେ ୩ଟି ଗୋରୁଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି ।

## ମହିଳାଙ୍କ ଠାରୁ ୧୫ ହଜାର ଝାମ୍ପିନେଲେ ଦୁର୍ବୃତ୍ତ

ବଡଗାଁ,୯।୬ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଚଳନା ମୁଣ୍ଡାପଡା କୁମାରୀ ନାଏକ ନାମ୍ନୀ ଜଣେ ମହିଳା ବ୍ୟାଙ୍କରୁ ୧୫ ହଜାର ଟଙ୍କା ବାହାର କରି ଘରକୁ ଚାଲି ଚାଲି ଯାଉଥିଲେ। ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ହାତରୁ ଟଙ୍କା ଥିବା ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି ।

# ଚୋରା ବାଇକ୍ ଉଦ୍ଧାର: ଅଭିଯୁକ୍ତ ଯୁବକ ଗିରଫ

ଦେବଗଡ଼,୯।୬ (ଡି.ଏନ.ଏ)

ଦେବଗଡ଼ ଥାନା ଅନ୍ତର୍ଗତ କାଲକାଠ ଗ୍ରାମରୁ ଗତ ମେ ପହିଲା ତାରିଖରେ ଜଣେ ଠିକାଦାରଙ୍କ ଚୋରି ହୋଇଥିବା ବାଇକ୍‌କୁ ଦେବଗଡ଼ ଥାନା ପୋଲିସ ଉଦ୍ଧାର କରିଛି। ରାସ୍ତା ନିର୍ମାଣକାରୀ ସଂସ୍ଥା ଓରିଏଣ୍ଟାଲ କମ୍ପାନୀରେ ଠିକାଦାର ଭାବେ କାର୍ଯ୍ୟରତ ବାଲେଶ୍ୱର ଜିଲାର ଏମଡ଼ି ମୁକ୍ତାର ଖାଁ ଏପ୍ରିଲ ୩୦ତାରିଖ ସନ୍ଧ୍ୟାରେ ନିଜ କାମସାରି ରହୁଥିବା ଘର ଗ୍ୟାରେଜରେ ବାଇକ ରଖିଘରକୁ ଚାଲି ଯାଇଥିଲେ । ପର ଦିନ ସକାଳୁ ବାଇକ ଚୋରି ହୋଇଯାଇଥିଲା। ଏନେଇ ଖାଁ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଦେବଗଡ଼ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତେବେ ଉକ୍ତ ବାଇକ ଗ୍ରାମରେ ବୁଲୁଥିବା ସୂଚନା ପାଇ ପୋଲିସ ଗ୍ରାମରେ ପହଞ୍ଚି ନେତ୍ରା କିଷାନ ନାମକ ଯୁବକ ନିକଟରୁ ଚୋରି ବାଇକକୁ ଉଦ୍ଧାର କରିବା ସହ ପଚରାଉଚୁରା କରିଥିଲା। ନେତ୍ରା ଉକ୍ତ ବାଇକକୁ ଚୋରି କରି ନେଇ ଲାଇମୁରା ଅଞ୍ଚଳରେ ଥିବା ତାର ଭିଣୋଇ ନିକଟରେ ଲୁଚାଇ ରଖିଥିବା ପ୍ରକାଶ କରିଥିଲା। ତେବେ ଚୋରି ବାଇକକୁ ଧରି ନେତ୍ରାର ଭିଣୋଇ ଉକ୍ତ ଗ୍ରାମକୁ ଆସିଥିବା ବେଳେ ସୂଚନା ପାଇ ପୋଲିସ ବାଇକକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଅସହ୍ୟ ପରିବେଶ ପ୍ରଦୂଷଣ: ରାସ୍ତାରୋକୋ କଲେ ଗ୍ରାମବାସୀ

କୁତ୍ରା ୯।୬(ଡି.ଏନ.ଏ)

କୁତ୍ରା ବ୍ଲକ କଣ୍ଡେଇମୁଣ୍ଡା ଗ୍ରାମ ପଞ୍ଚାୟତରେ ଅବସ୍ଥାପିତ ଥିବା ଶିବା ସିମେଣ୍ଟ କାରଖାନାକୁ ଯେଏସ୍‌ଡବ୍ଲୁ ଅଧିଗ୍ରହଣ କରିଛି। ଅଧିକ ଉତ୍ପାଦନ ପାଇଁ ଏଲଏଣ୍ଡଟି ଭଳି ଠିକା ସଂସ୍ଥାକୁ ସମ୍ପ୍ରସାରଣ ନିମନ୍ତେ ନିୟୋଜିତ କରିଛି। ଠିକା ସଂସ୍ଥା ଏଲଏଣ୍ଡଟି ଶ୍ରମିକ ଓ ଅନ୍ୟ କର୍ମଚାରୀଙ୍କ ପାଇଁ ଏକ କଲୋନୀ ସଦୃଶ ଗୃହ ପ୍ରସ୍ତୁତ କରି ସେମାନଙ୍କୁ ଅବସ୍ଥାପିତ କରିଛି। ମଳମୂତ୍ର ଓ ସ୍ନାନାଦି ଗୃହର ପ୍ରଦୂଷିତ ପଦାର୍ଥ ନିମ୍ନ ଭାଗରେ ଥିବା ଗାଁଆଡେ ଯାଉଥିବାରୁ ସାଙ୍ଗକୁ କରୋନା ଭୟ ରହୁଛି। ସାଧାରଣ ଜନତା ପ୍ରତିକାର ପାଇଁ ଦାବି କରିବା ସତ୍ତ୍ୱେ କର୍ଣ୍ଣପାତ ନ ହେବାରୁ ଗ୍ରାମବାସୀ ସୋମବାର



ପ୍ରଦୂଷଣ ପ୍ରତିବାଦରେ ଲୋକେ ରାସ୍ତାରୋକୋ କରିଛନ୍ତି।

ପ୍ରତିବାଦସ୍ୱରୂପ ଜିନ୍ଦାପଡା ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ଫଳରେ କାରଖାନାର ବରିଷ୍ଠ ଅଧିକାରୀଗଣ କାରଖାନା ଭିତରକୁ ପ୍ରବେଶ କରି ପାରି ନ ଥିଲେ। ଖବର ଲେଖା ହେବା ସୁଦ୍ଧା କାରଖାନା ପକ୍ଷରୁ ସାନିଟାଇଜ କରାଯିବା ସାଙ୍ଗକୁ ଆବଶ୍ୟକ ଦାବି ଉପରେ କାର୍ଯ୍ୟାନୁଷ୍ଠାନର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏ ବାବଦରେ କମ୍ପାନୀର ଅନ୍ୟତମ ବରିଷ୍ଠ ଅଧିକାରୀ ସଂଗ୍ରାମ ରାଉତଙ୍କ ପ୍ରତିକ୍ରିୟା ଜାଣିବାକୁ ଚାହିଁଥିଲୁ କିନ୍ତୁ ଯୋଗାଯୋଗ ହୋଇପାରିନଥିଲା।

## କରୋନାରେ ଯୁବକଙ୍କ ମୃତ୍ୟୁ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂଘା ପଞ୍ଚାୟତର ବଡ଼ଖମାର ଗ୍ରାମରେ ବୁଧବାର କରୋନା ଆକ୍ରାନ୍ତ ଜଣେ ୩୬ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହୋମ ଆଇସୋଲେସନରେ ଥିଲେ । ମଙ୍ଗଳବାର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋନପୁର କୋଭିଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଘରେ ତାଙ୍କର ବିଧବା ମା, ସ୍ତ୍ରୀ ଓ ଦୁଇ ପୁଅ ଅଛନ୍ତି । ସୂଚନାଯୋଗ୍ୟ କିଛି ଦିନ ପୂର୍ବରୁ ଉକ୍ତ ଗ୍ରାମର ଦୁଇ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିଲା ।

# ସଂକ୍ଷେପରେ

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଅମରପାଲି,୯।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ସଦର ସୁବଳୟା ଗ୍ରାମରେ ବୁଧବାର ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ମହିଳା ଜଣକ ବେକରେ ଶାଢ଼ି ଗୁଡାଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି । ମୃତା ମହିଳା ହେଲେ ସୁବଳୟା କୁଲିପଡ଼ାର ଦୀପକ ସାହୁଙ୍କ ସ୍ତ୍ରୀ ଦୀପ୍ତିମୟୀ (୨୫) । ବାପ ଘରକୁ ଖବର ନ ଦେଇ ଦୀପ୍ତିମୟୀଙ୍କ ଅନ୍ତିମ ସଂସ୍କାର କରାଯାଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ମହିଳାଙ୍କ ଭାଇ ରବୀନ୍ଦ୍ର ସାହୁ ସୁବଳୟା ଥାନାରେ ଯୌତୁକ ପାଇଁ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ଏନେଇ ସୁବଳୟା ଥାନାରେ ନଂ ୫୩/୨୧ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିବା ଥାନା ଅଧିକାରୀ କୁଶ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।

## କୋଭିଡ୍ କଟକଣା ଉଲ୍ଲଂଘନ କରି ମାଛମରା,ତଦନ୍ତ କଲେ ତହସିଲଦାର

କନ୍ଧମାଳ, ୯।୬ (ଡି.ଏନ.ଏ): ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଉମା ପଞ୍ଚାୟତର ସରକାରୀ ବନ୍ଧରେ ମଙ୍ଗଳବାର କୋଭିଡ କଟକଣା ଉଲ୍ଲଂଘନ କରି ଶତାଧିକ ଲୋକ ମାଛ ମାରିଥିଲେ । ଏ ନେଇ ଅଭିଯୋଗ ହେବା ପରେ ବୁଧବାର ତହସିଲଦାର ଅର୍ଜୁନ ପ୍ରଧାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ପଞ୍ଚାୟତ ଅଫିସ ନିକଟରେ ବନ୍ଧଟି ଥିବାରୁ ସରପଞ୍ଚଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି । ଏନେଇ ତହସିଲଦାର ପ୍ରଧାନ କହିଛନ୍ତି ତଦନ୍ତ ଜାରି ରହିଛି । ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ତହସିଲଦାରଙ୍କୁ ଦାବିପତ୍ର

ଉଲୁଣ୍ଡା, ୯।୬ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ତହସିଲ ଅଧୀନ ବିଭିନ୍ନ ଗ୍ରାମରେ ସାପ କାମୁଡା ଏବଂ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ପରିବାରକୁ ସହାୟତା ରାଶି ପ୍ରଦାନ ପାଇଁ ଝାରବାହାଲି ଗ୍ରାମର ତ୍ରିଲୋଚନ ପୁରୋହିତ ବୁଧବାର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ ବ୍ଲକର ପଞ୍ଚମହଲା ଗ୍ରାମର ଦୁଇ ଭଉଣୀଙ୍କ ସାପ କାମୁଡାରେ ଏବଂ ଝାରବାହାଲି ଗ୍ରାମର ରଞ୍ଜିତ ନେଟି ଓ ଉଲୁଣ୍ଡାର ଅଶୋକ ବାରିକଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଥିଲା । ଦୀର୍ଘ ଦିନ ବିତି ଯାଇଥିଲେ ମଧ ପ୍ରଶାସନ ତରଫରୁ ମୃତକଙ୍କ ପରିବାରକୁ କୌଣସି ସହାୟତା ମିଳି ପାରିନାହିଁ । ଆଗାମୀ ୧୫ ଦିନ ମଧରେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରା ନ ଗଲେ ଅନଶନରେ ବସିବେ ବୋଲି ତ୍ରିଲୋଚନ ଚେତାବନୀ ଦେଇଛନ୍ତି ।

## ପିପିଇ କିଟ୍ ପିନ୍ଧି ଆଇସିୟୁରେ କରୋନା ରୋଗୀଙ୍କୁ ଖିଅର କଲେ



ବଲାଙ୍ଗୀର ଅଫିସ, ୯।୬: ବଲାଙ୍ଗୀର କିମ୍ସ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କେତେକ କରୋନା ଆକ୍ରାନ୍ତ ରୋଗୀ ଅନେକ ସପ୍ତାହ ହେଲା ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେଧୀରେ ପରିବର୍ତ୍ତନ ହେଉଛି । ଆଇସିୟୁରେ ଭର୍ତ୍ତି ଏଭଳି ୬ ଜଣ ରୋଗୀଙ୍କୁ ହସ୍ପିଟାଲ ଷ୍ଟାଫ୍ ତରଫରୁ ଚିକିତ୍ସା ସେବା ସହ ଆନୁଷଙ୍ଗିକ ସେବା ଯୋଗାଇ ଦିଆଯାଉଛି । ଆଇସିୟୁ ଭିତରେ ଥିବା ଏହି ରୋଗୀମାନେ ଦୀର୍ଘଦିନ ରହିଯାଇଥିବାରୁ ତାଙ୍କର କେଶ, ଦାଢ଼ି ବଢ଼ି ଯାଇଥିଲା । ସେମାନଙ୍କୁ ହାଉସ କିପିଂ ଷ୍ଟାଫ ପିପିଇ ପିଟ୍ ପିନ୍ଧି ଖିଅର କରିଛନ୍ତି । ହସ୍ପିଟାଲ ଷ୍ଟାଫ୍‌ଙ୍କ ଏଭଳି କାର୍ଯ୍ୟକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି ।

# ବାରଣ୍ଡାରେ ଶୋଇଲେ ଚାଷୀ

ଲୋଇସିଂହା,୯।୬(ଡି.ଏନ.ଏ)



ଜିଲାପାଳଙ୍କ ଅଫିସ ସମ୍ମୁଖ ବାରଣ୍ଡାରେ ଚାଷୀମାନେ ଶୋଇ ରହିଛନ୍ତି ।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରିନବଚନ ପଞ୍ଚାୟତର ଚାଷୀମାନେ ଟୋକନ ରଦ୍ଦ ପୂର୍ବରୁ ଧାନ କିଣିବା ଓ ଟାର୍ଗେଟ ବୃଦ୍ଧି ଲାଗି ଜିଲାପାଳ ଚଞ୍ଚଳ ରାଣାଙ୍କୁ ସାକ୍ଷାତ କରିବା ପାଇଁ ବୁଧବାର ଜିଲାପାଳ କାର୍ଯ୍ୟାଳୟକୁ ଆସିଥିଲେ ।ହେଲେ ଜିଲାପାଳ ରାଣାଙ୍କୁ ସାକ୍ଷାତ୍ କରି ପାରି ନ ଥିଲେ ଚାଷୀ । ଏହାପରେ ଚାଷୀମାନେ ମଧ୍ୟାହ୍ନରୁ ଅପରାହ୍ନ ଯାଏ ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଶୋଇ ରହିଥିଲେ । ଆଗଲପୁର ପ୍ୟାକ୍ସ ଅଧୀନ ରିନବଚନ ପଞ୍ଚାୟତର ରିନବଚନ, ବଣ୍ଡାବାହଲ, ବାଗଝୁଲା ଓ ଉଜବାହାଲ ଗାଁର ଚାଷୀ ଧାନ ବିକ୍ରି କରିଥାନ୍ତି । ଉକ୍ତ ପ୍ୟାକ୍ସରେ ୩ଟି ପର୍ଯ୍ୟାରେ ସାଢେ ୧୩ ଶହ କୁଇଣ୍ଟାଲ ଧାନକିଣା ସରିଲାଣି । ଏବେ ପ୍ୟାକ୍ସରେ ଧାନ କିଣିବାକୁ ଟାର୍ଗେଟ ନାହିଁ । ତେବେ ଗତ ମେ ୨୫ରୁ ଜୁନ ୧୧ ତାରିଖ ମଧ୍ୟରେ ଧାନ ବିକ୍ରି କରିବାକୁ ଟୋକନ ପାଇଥିବା ଚାଷୀ ସମସ୍ୟାରେ ପଡିଛନ୍ତି । ଟୋକନ ରଦ୍ଦ ତାରିଖ ପାଖେଇ ଆସୁଥିବାରୁ ରିନବଚନ ପଞ୍ଚାୟତର ଚାଷୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବୁଧବାର ଚାଷୀମାନେ ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝିଙ୍କୁ ସାକ୍ଷାତ ପାଇଁ ଯାଇଥିଲେ । ପରେ ସେମାନେ ଜିଲାପାଳଙ୍କୁ ଭେଟିବାକୁ ଯାଇଥିଲେ । ଚାଷୀ ପ୍ରତିନିଧିଙ୍କୁ ଜିଲାପାଳ କିଛି ସମୟ ଅପେକ୍ଷା କରିବାକୁ କହିଥିଲେ । ଏହାପରେ ଚାଷୀମାନେ ଜିଲାପାଳଙ୍କ ବାରାଣ୍ଡରେ ଅଟକି ରହିଥିଲେ । ହେଲେ

**ଜିଲାପାଳଙ୍କୁ ସାକ୍ଷାତ୍ କରି ପାରଲେନି**

ଚାଷୀମାନଙ୍କ ସହ ଜିଲାପାଳ ଆଲୋଚନା ନ କରି କୁଆଡେ ଚାଲି ଯାଇଥିଲେ । ଅପରାହ୍ନ ୫ଟା ସୁଦ୍ଧା ସେ କାର୍ଯ୍ୟାଳୟକୁ ଆସି ନଥିଲେ । ନିରଞ୍ଜନ ସାହୁ, ନାରାୟଣ ଭୂଏ,ଯୋଗେଶ୍ୱର ତ୍ରିପାଠୀ, ଦେବାଶିଷ ପଧାନ, ହିମାଂଶୁ ପୁଟେଲ, ସନ୍ତୋଷ ପଧାନ ପ୍ରମୁଖ ଚାଷୀ ଏ ନେଇ କୌଣସି ସୂଚନା ନ ଦେବା ଯାଏ ଯିବୁ ନାହିଁ କହି ମଧ୍ୟାହ୍ନରୁ ଅପରାହ୍ନ ଯାଏ ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଶୋଇ ରହିଥିଲେ । ସନ୍ଧ୍ୟା ସାଢେ ୫ଟାରେ ଜିଲାପାଳ ଚାଷୀଙ୍କୁ କୋଭିଡ କାର୍ଯ୍ୟରେ ଯାଇଥିଲି, ଜିଲା ଯୋଗାଣ ଅଧିକାରୀଙ୍କୁ ପୁଣି ଭେଟିବାକୁ କହିଥିଲେ । ଚାଷୀମାନେ ଯୋଗାଣ ଅଧିକାରୀ ମାଝୀଙ୍କୁ ଭେଟିବା ପରେ ନିଶ୍ଚିତଭାବେ କିଛି ଟାର୍ଗେଟ ମିଳିବ କହି ଚାଷୀଙ୍କୁ ଆଶ୍ୱାସନା ଦେଇଥିଲେ ।

# ବର୍ଷାରେ ଭିଜିଲା ଧାନ

ସୋନପୁର,୯।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ବିଭିନ୍ନ ମଣ୍ଡିରେ ଖୋଲା ଆକାଶ ତଳେ ହଜାର ହଜାର ବସ୍ତା ଧାନ ପଡିରହିଛି । ମଙ୍ଗଳବାର ବର୍ଷାରେ ଏହି ସବୁ ଧାନ ଭିଜିଯାଇଛି । ଚଳିତ ବର୍ଷ ଧାନ କିଣାକୁ ନେଇ ଚାଷୀ ଚିନ୍ତାରେ ଥିବା ବେଳେ ଅଦିନିଆ ବର୍ଷା ଚାଷୀଙ୍କ ଉପରେ ଦାଉ ସାଜିଛି । ଧାନ ଓଦା ହେବା କାରଣରୁ ମିଲର୍ସମାନେ ଅଧିକ କଟ୍‌ନୀ ଛଟ୍‌ନୀ କରୁଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷେ ଟୋକନ୍ ଅବଧି ମାତ୍ର ୧୨ ଦିନ ରହିବା ଓ ଶେଷ ସମୟରେ ମିଲର୍ସ ଧାନ ଉଠାଇବା କାରଣରୁ ଚାଷୀ କ୍ଷତି ସହୁଛି । ବହୁ ଚାଷୀଙ୍କର ଟୋକନ୍ ଲାପ୍ସ ହୋଇଥିବା ବେଳେ ଚାଷୀ ଧାନ ବିକ୍ରି ପାଇଁ ବାରଦୁଆର ହେଉଛି । ଅଧିକାଂଶ ଚାଷୀଙ୍କ ଏ ପର୍ଯ୍ୟନ୍ତ ଟୋକନ ଆସିନି । ଚାଷୀ ଅଭିଯୋଗ ପାଇଁ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିଡ ଜମାଉଛନ୍ତି । ଗତ ୧୭ ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ବୁଧବାର ସୁଦ୍ଧା ଜିଲାର ୨୧୪୧୧ ଚାଷୀଙ୍କ ନିକଟରୁ ୧୬ ଲକ୍ଷ ୨୦ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇପାରିଛି । କିନ୍ତୁ ଗୋଦାମ ଘର ନ ଥିବାରୁ ଅଧିକାଂଶ ମଣ୍ଡିରେ ଖୋଲା ଆକାଶ ତଳେ ଚାଷୀଙ୍କ ଧାନ ପଡି ରହିଥିଲା । ଧାନ ବସ୍ତା ଉପରେ ପଲିଥିନ ଢଙ୍କା ହୋଇଥିଲେ ହେଁ ସେଥିରେ ପାଣି ପଶୁଛି । ଉଲୁଣ୍ଡା ବ୍ଲକର କୁତମେଣ୍ଡା, ଚଢେଇପଙ୍କ, ସିଣ୍ଢୋଲ, କଳାପଥର, କାଦୋବରରେ ଚାଷୀଙ୍କ ଧାନ ବର୍ଷାରେ ଭିଜିଛି । ଏହି ସବୁ ସ୍ଥାନରେ ଏସଏଚଜି ଧାନ କିଣୁଥିବା ବେଳେ ସ୍ଥାୟୀ ଗୋଦାମ ଘର ନାହିଁ । ଟାର୍ଗେଟ୍ ପାଇଥିବା ମିଲର୍ସ ଟ୍ରକ୍ ନ ପଠାଇ ଫଲ୍ସ ଏଣ୍ଟ୍ରି ପାଇଁ ଉଦ୍ୟମ କରୁଛନ୍ତି । ଏଥିପାଇଁ ମଣ୍ଡିଗୁଡିକରେ ଧାନ ସଂଗ୍ରହ ଧିମେଇ ଯାଇଛି । ସେହିପରି ବିନିକା ବ୍ଲକର ଚରଦା, ମେଘଲା, କଉଡିଆମୁଣ୍ଡା, ଶଙ୍କରା, ଡୁଙ୍ଗୁରିପାଲି ବ୍ଲକର ରାମପୁର, ସୋନପୁର ବ୍ଲକର ନାରାୟଣପୁର, ତରଭା ବ୍ଲକର ଶିବତୁଲା, ମରାଡୁଗୋଛାରେ ଧାନ କିଣାରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଏହି ସବୁ ମଣ୍ଡିରେ ଚାଷୀ ଆନ୍ଦୋଳନ ପରେ ପ୍ରଶାସନ ତତ୍ପର ହୋଇଛି । ପର୍ଯ୍ୟାୟକ୍ରମେ ଚାଷୀଙ୍କ ନିକଟକୁ ଟୋକନ ଆସିବ ଓ ଧାନ ସଂଗ୍ରହ ହେବ ବୋଲି ପ୍ରଶାସନ ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳୁଛି ।

# ଧାନ କିଣାବିକାରେ ଉପାନ୍ତକୁ ଅଣଦେଖା

ବରଗଡ଼ ଅଫିସ୍,୯।୬

ବରଗଡ଼ ଜିଲାରେ ଉପାନ୍ତ ପଦ୍ମପୁର ଉପଖଣ୍ଡର ବିଭିନ୍ନ ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରି ନ ପାରି ହଟହଟାର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷେ ବରଗଡ଼ ଜିଲା ଚାଷୀଙ୍କ ଧାନ ଉପରେ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ବେପାରୀଙ୍କ ନଜର ପଡ଼ିଛି । ସମ୍ପୃକ୍ତ ବେପାରୀମାନେ ଏଠାକୁ ଆସି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୬୮ ଟଙ୍କାରୁ କମ୍ ଦରରେ ଧାନ କିଣୁଥିବା ଅଭିଯୋଗ ହେଉଛି । ଏଭଳିଭାବେ କରୋନା କାଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି । ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଡଭା ମଣ୍ଡିରେ କେବଳ ୩୫ହଜାର ପ୍ୟାକେଟ୍ ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଥିବା ଚାଷୀମାନେ କହିଛନ୍ତି । ଟୋକନ ଅବଧି ସରି ଯାଇଥିବା, ଟାର୍ଗେଟ୍ ଆସି ନଥିବା ଆଳ କରି ଧାନ ଉଠାଯାଉ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ବୁଧବାର ଡଭା ଅଞ୍ଚଳର ଚାଷୀମାନେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ ଅତାବିରା ଆରଏମସିରେ ଚାଲିଥିବା ଧାରଣାକୁ ଯାଇଛନ୍ତି ବୋଲି ଅଫିସର କୌଣସି ଜଣେ କର୍ମଚାରୀ କହିବାରୁ ସେମାନେ ସେଠାରେ ପହଞ୍ଚିଥିଲେ । ମାତ୍ର ସେଠାରେ ମଧ୍ୟ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଭେଟି ପାରି ନଥିଲେ ଏବଂ ନିରାଶରେ ଫେରିଥିଲେ । କେବଳ ଡଭା ମଣ୍ଡିର ନୁହେଁ, ଜିଲାର ଉଭୟ ବରଗଡ଼ ଓ ପଦ୍ମପୁର ଉପଖଣ୍ଡର ଅନେକ ଚାଷୀ ଏପର୍ଯ୍ୟନ୍ତ ସେମାନଙ୍କ ଧାନ ବିକ୍ରି କରି ପାରି ନାହାନ୍ତି ।




# ଧାନକିଣା ଅବ୍ୟବସ୍ଥା ସମ୍ପର୍କରେ ଜିଲାପାଳଙ୍କୁ ସ୍ମାରକପତ୍ର

ସୋନପୁର,୯।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଚାଷୀଙ୍କ ସମସ୍ୟାକୁ ନେଇ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ବୁଧବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ଟୋକନ୍ କଟକଣା ଯୋଗୁ ଜିଲାର ଚାଷୀ ସରକାରୀ ଦରରେ ଧାନ ବିକି ପାରୁନି । ଟୋକନ୍ ଅବଧି ମାତ୍ର ୧୨ଦିନ କାରଣରୁ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଯାଉଛି । ଟାର୍ଗେଟ୍ ପାଇଥିବା ମିଲର୍ସଙ୍କ ଅବହେଳା ଯୋଗୁ ମଣ୍ଡିରୁ ଧାନ ଉଠୁ ନାହିଁ । ସେହିପରି ଅମଳ ସାରିଥିବା ଚାଷୀ ଟୋକନ୍ ପାଉନି । ଏପରି କି ଧାନର ମାନ ଠିକ୍ ନ ଥିବା ଆଳରେ କଟ୍‌ନୀ କରାଯାଉଛି । କଂଗ୍ରେସ ପକ୍ଷରୁ ଏହି ସବୁ ସମସ୍ୟା ଜିଲାପାଳଙ୍କ ଦୃଷ୍ଟିକୁ ଅଣାଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ଗୌରୀଶ୍ୟାମ ପଣ୍ଡା, ଜିଲା କିଷାନ କଂଗ୍ରେସ କମିଟି ସଭାପତି ନରେନ୍ଦ୍ର ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ସୂର୍ଯ୍ୟକାନ୍ତି ବାଗ, ସୁଧୀର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଆର୍‌ଏମ୍‌ସି ଆଗରେ ଚାଷୀଙ୍କ ଧାରଣା

ବରଗଡ଼ ଅଫିସ୍/ଅତାବିରା,୯।୬



ଅତାବିରା ଆର୍‌ଏମ୍‌ସି ଅଫିସ ଆଗରେ ଚାଷୀଙ୍କ ଧାରଣା ।

ବରଗଡ଼ ଜିଲାରେ ରବି ଧାନକିଣା ସମସ୍ୟା ଜଟିଳ ହୋଇ ପଡ଼ିଛି । ଜିଲାର ବିଭିନ୍ନ ମଣ୍ଡି ସମେତ ଚାଷୀଙ୍କ କ୍ଷେତ, ଖଳାରେ ଧାନ ପଡ଼ି ରହିଛି । ଟୋକନ, ଟାର୍ଗେଟ୍, ଆର୍ଦ୍ରତା ଆଳରେ ତାକୁ କିଣାଯାଉନାହିଁ । ଅନ୍ୟପକ୍ଷେ ତୁହାକୁ ତୁହା ଝଡ଼ବର୍ଷା ଲାଗି ରହିଛି । ବୁଧବାର ଚାଷୀ ସଂଗଠନ ଜୟ କିଶାନ ଆନ୍ଦୋଳନ ନେତୃତ୍ୱରେ ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଅଫିସ୍ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି । ଖବର ଲେଖାହେବା ସୁଦ୍ଧା(ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ) ସ୍ଥାନୀୟ ଆରଏମସି ସମ୍ପାଦକ ପ୍ରଦୀପ କୁମାର ବେସନଙ୍କ ବ୍ୟତୀତ ଅନ୍ୟ କେହି ଆଲୋଚନା ପାଇଁ ସୁଦ୍ଧା ଧାରଣାସ୍ଥଳକୁ ପହଞ୍ଚି ନାହାନ୍ତି । ଆରଏମସି ସମ୍ପାଦକ ସେଠାରେ ପହଞ୍ଚି ଥିଲେ ସୁଦ୍ଧା କିଛି ସୁଫଳ ମିଳି ନଥିଲା । ଫଳରେ ଧାରଣା ଜାରି ରହିଛି । ମିଲର୍ସଙ୍କ ଇଚ୍ଛାରେ ମଣ୍ଡି ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି ସୁଫଳ ମିଳୁ ନାହିଁ । ଫଳରେ ଏଭଳି ସମସ୍ୟାର ସମାଧାନ ପାଇଁ ଜୟ କିଶାନ ଆନ୍ଦୋଳନ ୫ଦଫା ଦାବି କରିଛି । ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ କିଣାଯିବା ସହିତ ଯେଉଁ ଚାଷୀଙ୍କ ଟୋକନ ଆସି ନାହିଁ, ସେମାନଙ୍କୁ ତୁରନ୍ତ ତାହା ଯୋଗାଇ ଦେବାକୁ ଦାବି ହୋଇଛି । ସରକାରଙ୍କ ଭୁଲ ନୀତି ଯୋଗୁ ଚାଷୀଙ୍କ ଟୋକନ ଅବଧି ସରି ଯାଇଥିବା ଯୋଗୁ ଟୋକନକୁ ପୁନଃ କାର୍ଯ୍ୟକ୍ଷମ କରିବା, ଟୋକନ ଅବଧି ଶେଷ ହେବା ପୂର୍ବରୁ ଧାନ କିଣାଯିବା, ମଣ୍ଡିରେ କଟନୀ ବନ୍ଦ କରିବା ଏବଂ ଜିଲା ଧାନ ସଂଗ୍ରହ କମିଟି(ଡିଏଲପିସି)କୁ କାର୍ଯ୍ୟକାରୀ କରି ଟୋକନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ଦାବି ହୋଇଛି । ଜୟ କିଶାନ ଆନ୍ଦୋଳନର ସମ୍ପାଦକ ହର ବଣିଆ, ଅରୁଣ ପ୍ରଧାନ, ରମେଶ ମହାପାତ୍ର, ନିମାଇଁ ମହାପାତ୍ର, ବିପିନ କର୍ଣ୍ଣ, ଭଞ୍ଜନ ବାରିକ, ନବ କିଶୋର ପ୍ରଧାନ ପ୍ରମୁଖ ଧାରଣାରେ ସାମିଲ ଅଛନ୍ତି ।

# ଭୀମ ଭୋଇ ମେଡିକାଲ କଲେଜରେ ବସିବ ୨ଅକ୍ସିଜେନ ଉତ୍ପାଦନ ପ୍ରକଳ୍ପ




ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରକଳ୍ପ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଜିଲାପାଳ ।

ବଲାଙ୍ଗୀର ଅଫିସ, ୯।୬

- ଅଢ଼େଇ ମାସରେ ସରିବ ପ୍ରକଳ୍ପ କାମ
- ୨୦୨୨ ସୁଦ୍ଧା ମେଡିକାଲ କଲେଜ ହସ୍ପିଟାଲ କୋଠା ସମ୍ପୂର୍ଣ୍ଣ ଦାବିକଲେ ନରସିଂହ
- ଭିଡିଓ କନ୍‌ଫରେନ୍ସ ଜରିଆରେ ହେଲା ଶିଳାନ୍ୟାସ କାର୍ଯ୍ୟକ୍ରମ

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ତରଳ ମେଡିକାଲ ଅକ୍ସିଜେନ୍ ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା (ଏଲଏମ୍‌ଓ ୧୩ କେଏଲ୍) ଏବଂ ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ୍ (୬୦୦ ଏଲପିଏମ୍) ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା (ପିଏସ୍ଏ) ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ କରିଛନ୍ତି । ଆସନ୍ତା ଅଢ଼େମାସ ମଧରେ ଏସବୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମ ପାଇଁ ଭୀମ ଭୋଇ ମେଡିକାଲ କଲେଜ ପରିସରରେ ଏକ ଶିଳାନ୍ୟାସ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମହିଳା ଓ ଶିଶୁ କଲ୍ୟାଣ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ, ବିଧାୟକ ନରସିଂହ ମିଶ୍ର, ଜିଲାପାଳ ଚଞ୍ଚଳ ରାଣା, ମେଡିକାଲ କଲେଜ ଡିନ୍ ଡା ସବିତା ମହାପାତ୍ର, ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକ, ସିଡିଏମ୍‌ଓ ଡା. ଭୀମ ସାହୁ ଉପସ୍ଥିତ ଥିଲେ । ମନ୍ତ୍ରୀ ସାହୁ ବକ୍ତବ୍ୟ ରଖି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବଲାଙ୍ଗୀର ସମେତ ପଡୋଶୀ ଜିଲାକୁ ଅକ୍ସିଜେନ୍ ଯୋଗାଯାଇପାରିବ ବୋଲି କହିଥିଲେ । ବିଧାୟକ ନରସିଂହ ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗୀରରେ ଉଭୟ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ବଲାଙ୍ଗୀରରେ ତିଆରି ହେଉଥିବା ୬୫୦ ଶଯ୍ୟା ବିଶିଷ୍ଟ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ କୋଠା ନିର୍ମାଣ କାର୍ଯ୍ୟକୁ ୨୦୨୨ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ବଲାଙ୍ଗୀର ଜିଲାରେ ଅଧିକ ସଂଖ୍ୟକ ଶଯ୍ୟା, ଆଇସିୟୁ ଓ ଅଧିକ ଡାକ୍ତର ନିଯୁକ୍ତ କରିବାକୁ ଅନୁରୋଧ କରିଥିଲେ । ଏହାସହିତ ଜିଲାରେ ୧୮ ବର୍ଷରୁ ୪୫ ବର୍ଷ ବୟସ୍କଙ୍କୁ ଟିକାଦାନ ଯେପରି ସୁଚାରୁରୂପେ ହୋଇପାରିବ ସେଦିଗରେ ପଦକ୍ଷେପ ନେବାକୁ କହିଥିଲେ ।

# ପାଣି ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ମହିଳା

ବୌଦ୍ଧ,୯।୬(ସ୍ୱ.ପ୍ର.)

ବୌଦ୍ଧ ଜିଲାର ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଲାଗି ରହିଛି । ବୁଧବାର ହରଭଙ୍ଗା ବ୍ଲକର ବାମଣ୍ଡା ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ଗ୍ରାମର ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ଘେରିଥିବା ଜଣାପଡିଛି । ଗ୍ରାମର ମହିଳାମାନେ ବାଲଟି ଓ ଗରା ଆଦି ଧରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମହିଳାମାନେ ଦୀର୍ଘସମୟ ଧରି ଧାରଣାରେ ବସି ରହିଥିବା ବେଳେ ସେଠାକୁ କୌଣସି ପ୍ରଶାସନିକ ଅଧିକାରୀ ନ ଯିବା ଫଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ପାଣି ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଆଗକୁ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ଦୁଷ୍ଟୁରା ତହସିଲ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଦେଓଗାଁ/ଗୁଡଭେଲା, ୯।୬(ଡି.ଏନ.ଏ.)



ଦୁଷ୍ଟୁରା ତହସିଲ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଛନ୍ତି ।

ବଲାଙ୍ଗୀର ଜିଲା ଦେଓଗାଁ ପ୍ୟାକ୍ସରେ ସ୍ଥାନୀୟ ତହସିଲ ଦାୟିତ୍ୱରେ ଥିବା ଦୁଷ୍ଟୁରା ତହସିଲଦାରଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗରିଫ ଦାବିରେ ବୁଧବାର ଦୁଷ୍ଟୁରା ତହସିଲର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଛନ୍ତି । ଅଭିଯୁକ୍ତଙ୍କୁ ଗିରଫ ନ କରିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ କହିଛନ୍ତି । ପ୍ରକାଶ ଯେ, ସୋମବାର ଦେଓଗାଁ ପ୍ୟାକ୍ସ ସମ୍ମୁଖରେ ଚାଷୀମାନେ ରବିଧାନକ୍ରୟରେ ଅବ୍ୟବସ୍ଥାକୁ ନେଇ ୨୬ନଂ ଜାତୀୟ ରାଜପଥରେ ଧାନ ବୋଝେଇ ଟ୍ରାକ୍ଟର ରଖି ଅବରୋଧ କରିଥିଲେ । ଖବର ପାଇ ତହସିଲଦାର ଚନ୍ଦ୍ରମଣି ନାଗ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରିଥିଲେ । ଆଲୋଚନା

**ଦେଓଗାଁରେ ତହସିଲଦାରଙ୍କୁ ଆକ୍ରମଣ ଘଟଣା**

ସମୟରେ ପୂର୍ବତନ ପ୍ୟାକ୍ସ ସଭାପତି ତଥା ଚାଷୀ ଶୈଳେଶ କୁମାର ସାହୁ ଉତ୍ତ୍ୟକ୍ତ ହୋଇ ତହସିଲଦାର ନାଗଙ୍କୁ ଆକ୍ରମଣ କରିଥିବା ନେଇ ତହସିଲଦାର ଦେଓଗାଁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତେବେ ଅଭିଯୋଗ ହେବାର ଦୁଇଦିନ ବିତିଯାଇଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇ ନ ଥିବାରୁ କର୍ମଚାରୀମାନେ ସମ୍ପୃକ୍ତ ଯୁବକ ଗିରଫ ନ ହେବା ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ।

# ଶୋକାକୁଳ ପରିବେଶରେ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

ସଇଁତଳା, ୯।୬ (ଡି.ଏନ.ଏ.)



ଯବାନଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ମନ୍ତ୍ରୀ ଟୁକୁନୀ ସାହୁ ଓ ଅନ୍ୟମାନେ ।

ଆସାମରେ ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବିଏସ୍ଏଫ ଯବାନ ଥବୀର ବୁଡେକ(୩୪)ଙ୍କ ପାର୍ଥିବ ଶରୀର ବୁଧବାର ତାଙ୍କ ପୈତୃକ ଗାଁ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଗୁରମୁନୀ ଗ୍ରାମରେ ପହଞ୍ଚିଥିଲା । କରମତଲା ୱେଲକମ ଗେଟଠାରୁ କରମତଲା, ଛନଛଡ଼ା, ଦୁଷ୍ଟାପାଲି ଓ ଗୁରମୁନୀ ଗ୍ରାମରୁ ବହୁ ସଂଖ୍ୟାରେ ଜନସାଧାରଣ ରାସ୍ତାକଡରେ ଉପସ୍ଥିତ ରହି ଥବୀରଙ୍କ ଶେଷ ଦର୍ଶନ କରିଥିଲେ । ୱେଲକମ ଗେଟ ଛକଠାରୁ ଗୁରମୁନୀ ଗ୍ରାମ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ପାର୍ଥିବ ଶରୀରକୁ ନିଆଯାଇଥିଲା । ଘରେ ମର ଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଥବୀରଙ୍କ ସ୍ତ୍ରୀ ରୀନାଙ୍କୁ ବିଏସଏସଫ ତରଫରୁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ପରେ ପାର୍ଥିବ ଶରୀରକୁ ସେଠାରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯାଇଥିଲା । ଏହି ସମୟରେ ରାଜ୍ୟ ସରକାରଙ୍କ ମହିଳା, ଶିଶୁବିକାଶ ଓ ମିଶନଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବଳରାମ ସିଂ ଯାଦବ, ଚନ୍ଦ୍ରବଦନ ପୁରୋହିତ, ଗୁଣସାଗର ମାଝୀ, କରମତଲା ସରପଞ୍ଚ ହିଂମାଞ୍ଚଳ ବୁଡେକ, ସମିତି ସଭ୍ୟ ସୁବାଷ ବୁଡେକ, ଭରତ ବୁଡେକଙ୍କ ସହ ଶତାଧିକ ଜନସାଧାରଣ ଶେଷ ଦର୍ଶନ କରିଥିଲେ । ପରେ ଗାଁ ଶ୍ମଶାନକୁ ମର ଶରୀରକୁ ନିଆଯାଇ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସତ୍କାର କରାଯାଇଥିଲା । ଥବୀରଙ୍କ ପୁଅ ହିତେଶ କୁମାର ମୁଖାଗ୍ନି ଦେଇଥିଲେ । ଏଥିପୂର୍ବରୁ ବିଏସଏଫ ତରଫରୁ ତୋପ ସଲାମୀ ଓ ଓଡ଼ିଶା ପୋଲିସ ତରଫରୁ ଗାର୍ଡ଼ ଅଫ ଅନର ପ୍ରଦାନ କରାଯାଇଥିଲା । ପ୍ରଶାସନ ତରଫରୁ ସଇଁତଲା ଭାରପ୍ରାପ୍ତ ତହସିଲଦାର ଯୋଗେଶ୍ୱର ଧରୁଆ, ଟିଟିଲାଗଡ଼ ଏସଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀ, ସଇଁତଲା ଥାନାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ, ଟିକ୍ରାପଡ଼ା ଫାଣ୍ଡି ଅଧିକାରୀ ଆଦିତ୍ୟ ପ୍ରସାଦ ସାହୁଙ୍କ ସହ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ । ଜଣେ ଯବାନଙ୍କ ଶେଷକୃତ୍ୟ ସମୟରେ ଜିଲା ପ୍ରଶାସନ ତରଫରୁ କୌଣସି ଅଧିକାରୀ ଉପସ୍ଥିତ ନ ରହିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ଶନିବାର ଆସାମର ବିଏସଏଫରେ କାର୍ଯ୍ୟରତ ଥବୀର ଅନ୍ୟ କେତେକ ଅଧିକାରୀଙ୍କ ସହ ଗୌହାଟିରୁ ଫେରୁଥିବାବେଳେ ନିକୁଞ୍ଜ ବିହାର ଘାଟିରେ ତାଙ୍କ ଗାଡି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଶେଷଥର ପାଇଁ ଥବୀର ଗତ ଫେବୃୟାରୀ ମାସରେ ଭାଇ ବାହାଘର ସମୟରେ ଘରକୁ ଆସିଥିଲେ ।